ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/MSME(OD)/ 1419/09-03-2021**

## ଶିଳ୍ପପୁଂଜ ଆଭିମୁଖ୍ୟ ନେଇ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ଉପରେ ଆଲୋଚନା
## ଉଦ୍‌ଯାପତ ହେଲା ବାଣିଜ୍ୟ ମେଳା-୨୦୨୧

ଭୁବନେଶ୍ୱର, ତା.୦୯/୦୩/୨୦୨୧

ଭୁବନେଶ୍ୱରସ୍ଥିତ ତିନି ନମ୍ବର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ୫ ଦିନିଆ ଏମ୍ଏସ୍ଏମ୍ଇ ବାଣିଜ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି । ଶେଷଦିନରେ ଶିଳ୍ପପୁଂଜ ଆଭିମୁଖ୍ୟ ନେଇ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ଶୀର୍ଷକ ଆଲୋଚନା ଚକ୍ର ବାଣିଜ୍ୟ ମେଳା ପରିସରରେ ଅବସ୍ଥିତ ସେମନାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି ।

ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ରେଘୁ ଜି. ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଶିଳ୍ପପୁଂଜ ଗୋଟିଏ ସ୍ଥାନରେ ହେବା ଦ୍ୱାରା ଏମ୍ଏସ୍ଏମ୍ଇ ଉଦ୍ୟୋଗର କିପରି ବିକାଶ ହୋଇପାରିବ ସେ ବିଷୟରେ ସୂଚନା ଦେଇଥିଲେ । ବରଗଡ଼ ରାଇସ୍ ମିଲ୍ କ୍ଲଷ୍ଟରର ଶ୍ରୀ ରୋହିତ ସିଂଘଲ ତାଙ୍କ ଶିଳ୍ପପୁଂଜର ସଫଳ କାହାଣୀ କହିଥିଲେ । ବରଗଡ଼ରେ ଦେଶର ପ୍ରଥମ ଇଥାନଲ୍ ମିଲ୍ କ୍ଲଷ୍ଟର ୧୪ କୋଟି ଟଙ୍କା ପୁଂଜି ବିନିଯୋଗରେ ପ୍ରତିଷ୍ଠା କରାଯାଉଛି ବୋଲି ସେ ସୂଚନା ଦେଇଥିଲେ । ପିପିଲି କତା କ୍ଲଷ୍ଟରର ଉଦ୍ୟୋଗୀ ଶ୍ରୀ କାଶୀନାଥ ଜେନା ତାଙ୍କ ଉଦ୍ୟୋଗର ସଫଳ କାହାଣୀ ବର୍ଣ୍ଣନା କରିଥିଲେ । ତାଙ୍କର ଉତ୍ପାଦିତ ଦ୍ରବ୍ୟ ଆମେରିକା, ୟୁରୋପ ଏବଂ ସଂଯୁକ୍ତ ଆରବ ଏମିରେଟ୍ସକୁ ରପ୍ତାନୀ କରାଯାଉଛି । କଦଳୀ ଫାଇବରରୁ ସେ ଜୟଦେବ ନିର୍ବାଚନ ମଣ୍ଡଳୀରେ ୧୫୦ ଜଣ ଶିଳ୍ପୀଙ୍କ ମାଧ୍ୟମରେ ୨୫ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ୭୦୦ କଦଳୀ ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରିଛନ୍ତି । ଏହି ଶିଳ୍ପରେ ସେ ସମୁଦାୟ ୨.୭୨ କୋଟି ଟଙ୍କାର ପୁଂଜି ବିନିଯୋଗ କରିଛନ୍ତି ।

କରୋଜନ ପ୍ରୋଟେକ୍ସନ୍ ପ୍ରା. ଲିଃର ଏମ୍‌ଡି ଶ୍ରୀ ଜ୍ଞାନରଞ୍ଜନ ମହାନ୍ତି ଓଡ଼ିଶାରେ ଲୁଧିଆନା ଭଳି ଶିଳ୍ପ ପୁଂଜ ପ୍ରତିଷ୍ଠା ନିମନ୍ତେ ଗୁରୁତ୍ୱ ପ୍ରଦାନ କରିଥିଲେ । ମିକେମ୍ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ଶ୍ରୀ ଜେ.କେ. ରଥ ଓଡ଼ିଶାରେ ମିଳୁଥିବା କଞ୍ଚାମାଲକୁ ବ୍ୟବହାର କରି ଶିଳ୍ପ ପ୍ରତିଷ୍ଠା ହେଲେ ତାହା ମୂଲ୍ୟଯୁକ୍ତ ହୋଇପାରନ୍ତା ବୋଲି ମତ ରଖିଥିଲେ । ବି-ୱାନ୍ ବିଜିନେସ୍ ହାଉସ୍, ଭୁବନେଶ୍ୱରର ବାଣିଜ୍ୟ ନିର୍ଦ୍ଦେଶକ ଶ୍ରୀ ରାଜନ ପାଢ଼ୀ ଦେଶର ଏମ୍ଏସ୍ଏମ୍ଇର ରପ୍ତାନୀ ହାର ଶତକଡ଼ା ୪୫ ଏବଂ ଏଥିରେ ୧୨ କୋଟି ଲୋକ ନିଯୁକ୍ତି ପାଇଛନ୍ତି ବୋଲି କହିଥିଲେ । ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଉଦ୍ୟୋଗ ପ୍ରତିଷ୍ଠା ହେଲେ ଆତ୍ମନିଯୁକ୍ତି ସମ୍ଭବ ହୋଇପାରନ୍ତା ବୋଲି ସେ କହିଥିଲେ । ଓଡ଼ିଶାରୁ ବର୍ଷକୁ ୩୮୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନୀ କରାଯାଉଛି । ଯାହା ଦ୍ୱାରା ନିଯୁକ୍ତି ହାର ବୃଦ୍ଧି ପାଇଛି । ଉତ୍କଳ ଚାମ୍ବର ଅଫ୍ କମର୍ସର ଉପସଭାପତି ଶ୍ରୀ ବିନୋଦ ଦାସ ତାଙ୍କ ବକ୍ତବ୍ୟରେ ଓଡ଼ିଶା ଧନୀ କିନ୍ତୁ ଓଡ଼ିଆ ଗରିବ ବୋଲି କହିଥିଲେ, କାରଣ ଆମ୍ଭମାନଙ୍କର ବୁଦ୍ଧି, ଶୃଙ୍ଖଳା ଓ ଆଗ୍ରହର ଅଭାବ ରହିଛି । ଅନ୍ୟକୁ ବେଶୀ ନକହି ନିଜର ବିକାଶ ଚିନ୍ତା କରିବାର ଆବଶ୍ୟକତା ରହିଛି ।

ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଚଳଚଞ୍ଚଳ କରାଯାଇ ସେଗୁଡ଼ିକର ପରିଚାଳକମାନଙ୍କୁ ବୃତ୍ତିସଂପନ୍ନ କରାଯିବ ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିଳ୍ପ ବିକାଶ ସଂସ୍ଥା କାର୍ଯ୍ୟ କରିବ ବୋଲି କହିଥିଲେ । ଅପ୍ରେଲ, ୨୦୨୧ରେ ଏମ୍ଏସ୍ଏମ୍ଇ ଗଣନା କାର୍ଯ୍ୟ ଆରମ୍ଭ କରାଯିବ । ଏଥି ପାଇଁ ୧୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ରାଜ୍ୟକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ ସେ କାମନା କରିଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୪୭ଟି କ୍ଲଷ୍ଟର କାର୍ଯ୍ୟ କରୁଛି, ଯାହାକୁ ୧୫୦କୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ସମସ୍ତ ଅତିଥିଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ । ଭାରତ

ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଆଇ, କଟକର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ପି.କେ. ଗୁପ୍ତା ଉଦ୍‌ଯାପନୀ ମନ୍ତବ୍ୟରେ ପୁରୀ ପର୍ଯ୍ୟଟନ ଓ ଟ୍ରାଭେଲ୍ କ୍ଲଷ୍ଟର ଏବଂ ଭୁବନେଶ୍ୱରରେ ମଟର ଯାନ କ୍ଲଷ୍ଟର ପ୍ରତିଷ୍ଠା କରାଯିବା ପାଇଁ ଆହ୍ୱାନ ଦେଇଥିଲେ । ଆଗ୍ରହୀ ଉଦ୍ୟୋଗୀ ତାଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଆଲୋଚନା ଚକ୍ରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଇପିଏମ୍ ନିର୍ଦ୍ଦେଶକ ଶ୍ରୀ ଶରଣ କୁମାର ଜେନା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ବହୁ ବୁଦ୍ଧିଜୀବୀ, ଆଇଟିଆଇ ଛାତ୍ରଛାତ୍ରୀ, ଏସ୍‌ଏଚ୍‌ଜି ଓ ସରକାରୀ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ